# Akashvani, Sambalpur

## SAMBALPURI NEWS BULLETIN

### 9 April 2025- 6.47- 6.52 am.

**********************************************

ୱାକଫ୍ ସଂଶୋଧନ୍ ଆଇନ        ଆର୍‌ଏନ୍‌ୟୁ/ ସମ୍ବଲପୁର

ୱାକଫ୍ ସଂଶୋଧନ୍ ଆଇନ-୨୦୨୫ - ଉମିଦ୍ ଗଲାକାଏଲ୍‌ଠାନୁ ଦେଶେ କାର୍ଯ୍ୟକାରୀ ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସଂଖ୍ୟାଲଘୁ ବ୍ୟାପାର୍ ମନ୍ତ୍ରଣାଲୟ ତର୍‌ଫୁ ଇ ବାବ୍‌ଦେ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛେ । ଗଲାହପ୍ତାଥି ସଂସଦ୍‌ର ଦୁହି ଗୃହ ନ ୱାକଫ୍ ସଂଶୋଧନ୍ ବିଲ୍-୨୦୨୫ ପାରିତ୍ ହେଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲା ଶନିବାର୍ ବିଲ୍‌କେ ମଞ୍ଜୁରୀ ଦେବାର୍ ଉତ୍‌ରୁ ଇଟା ଆଇନ୍‌ଥି ପରିଣତ୍ ହେଇଛେ ।

ଆଧାର୍ ସମ୍ବାଦ୍-୨୦୨୫     ଆର୍‌ଏନ୍‌ୟୁ/ ସମ୍ବଲପୁର

କୃତ୍ରିମ ବୁଦ୍ଧିମତା-ଆର୍ଟିଫିସିଆଲ୍ ଇଂଟଲିଜେନ୍ସ -ଏଆଇ - ଏଛନିର୍ ସମିଆଥି ନୂଆଁ ଶିଳ୍ପ ବିପ୍ଳବ୍ ସାଜିଛେ  ବଲି କେନ୍ଦ୍ର

ସୂଚନା ଆଉ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ନୂଆଦିଲ୍ଲୀ ନ ଗଲାକାଏଲ୍ ହେଇଥିବା ଆଧାର୍ ସମ୍ବାଦ୍-୨୦୨୫କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଇହାଦେ ବହୁତ୍‌ଟେ ଜାଗା ନ ଆଧାର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଫେସ୍ ଆଇଡି ଥିବା ଆଧାର୍ ମୋବାଇଲ୍ ଆପ୍‌ର ଭିଲ୍ ଶୁଭାରମ୍ଭ କରିଛନ୍ । ଇ ଆପ୍ ଜରିଏ ଲୋକ୍‌ମାନେ ସେମାନ୍‌କର୍ ଆଧାର୍ ବିବରଣୀ ପାଇପାର୍‌ବେ ।

କାର୍ଯ୍ୟକ୍ରମ୍‌ଥି ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର-ଓକାକ୍‌କେ ୨ଟା ପୁରସ୍କାର ମିଳିଛେ । ରେଜିଷ୍ଟ୍ରାର୍ ଭାବେ ଆଧାର ପଂଜିକରଣ ଦିଗେ ଉଲ୍ଲେଖନୀୟ ଅବଦାନ୍ ଆଉ ଶ୍ରେଷ୍ଠ ରାଜ୍ୟ ପ୍ରମାଣୀକରଣ ଉପଭୋକ୍ତା ଏଜେନ୍ସି ଭାବେ ଓକାକ୍‌କେ ଇ ସମ୍ମାନ୍‌ଜନକ୍ ପୁରସ୍କାର ଦିଆଯାଇଛେ ।

ଓଡ଼ିଶା ଜୀବିକା ମିଶନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଜୀବିକା ମିଶନ୍‌ର ସ୍ୱୟଂ ସହାୟକ୍ ଗୋଷ୍ଠୀ, ପଂଚାୟତ, ବ୍ଲକ୍ ଆଉ ଜିଲ୍ଲା ସ୍ତରର୍ ସଂଘମାନଙ୍କର ଗଣତାନ୍ତ୍ରିକ ଭିତିଥି ପୁନର୍ଗଠନ୍ ଆର୍ ନେତୃତ୍ୱ ପରିବର୍ତନ୍ କର୍‌ବାର୍‌କେ ରାଜ୍ୟ ସରକାର ପଦକ୍ଷେପ୍ ନେଇଛନ୍ । ଇ ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ

ପ୍ରଭାତୀ ପରିଡ଼ାଙ୍କର ନିର୍ଦ୍ଦେଶ ଉତ୍‌ରୁ ରାଜ୍ୟ ସରକାର ଆଉ କେନ୍ଦ୍ର ସରକାରଙ୍କର ମାର୍ଗଦର୍ଶିକା ଭିତ୍‌ରେ ସମନ୍ୱୟ ରଖା ଯାଇ କରି ନୂଆ ମାର୍ଗଦର୍ଶିକା ତିଆର କରାଯାଇଛେ । ଇଥି ରାଜ୍ୟର ୩୫ ଲାଖ୍‌ନୁ ଅଏତ୍‌କା ମହିଲା ନୂଆକରି ଭିନ୍ ଭିନ୍ ପଦ୍‌ଦ୍‌ବୀର୍ ନେତୃତ୍ୱ ନେବେ ବଲି ରାଜ୍ୟ ସରକାରଙ୍କର ତର୍‌ଫୁ କୁହାଯାଇଛେ ।

ଓଡ଼ିଆ ପକ୍ଷ-ବହିଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ -୨୦୨୫ ପାଲନ୍‌ର ୯ ନମ୍ବର୍ ଦିନେ ଆଏଜ୍ ବହିଘିନା ଅଭିଯାନ୍ ଆୟୋଜନ୍ କରାଯାଉଛେ । ବହିର ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ବହି ଘିନ୍‌ବାର୍ ଆର୍ ପଢ଼୍‌ବାର୍ ଅଭ୍ୟାସ୍‌କେ ଜାରି ରଖ୍‌ବାର୍‌କେ ଯୁଆନ୍ ପିଢ଼ିକେ ତହଁକାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ।

କୃଷି ବଜେଟ୍ ବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ କୃଷି ଆଉ କୃଷକ୍ ସଶକ୍ତିକରଣ୍ ଉପ୍‌ରେ ଜୋର୍ ଦେଉଛନ୍ । ସୂଚ୍‌ନା ଅନ୍‌ସାରେ ୨୦୧୩ -୧୪ ଆର୍ଥିକ୍ ବଛର୍‌ନୁ

କୃଷି ଲାଗି ଗୁଟେ ଖାସ୍ ବଜେଟ୍ କରାଯାଇଛେ । ସେ ବଛର୍ ବଜେଟ୍‌ଥି କୃଷି ଲାଗି ୭ ହଜାର୍ ଶହେ ୬୨ କୋଟି ଟଙ୍କା ର ବ୍ୟୟବରାଦ୍ କରାଯାଇଥିଲା । ହେଲେ ଚଲ୍‌ତି ଆର୍ଥିକ୍ ବଛର୍ ୨୦୨୫-୨୬ ଥି କୃଷି ଲାଗି ୩୭ ହଜାର୍ ୮ ଶହ ୩୮ କୋଟି ଟଙ୍କା ବଜେଟ୍‌ଥି ବ୍ୟୟବରାଦ୍ କରାଯାଇଛେ । ସର୍‌କାର୍ ଗଲା ୧୧ ବଛର୍ ଭିତ୍‌ରେ କୃଷି ବଜେଟ୍‌ଥି ୫ ଗୁନା ବଢ଼େଇଛନ୍ ।

ସମବାୟ ବର୍ଷ ପାଲନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର ଜିଲ୍ଲା କପାଣି ସମବାୟ ସମିତି ଠାନେ ସମବାୟ ବର୍ଷ ପାଲନ୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଚାଷୀମାନ୍‌କର୍ ଉନ୍ନତି ଲାଗି କେନ୍ଦ୍ର ସର୍‌କାର୍ ଲାଗୁ କରିଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ କହିଛନ୍ । ଜୈବିକ୍ ପଦ୍ଧତିଥି ଚାଷ୍‌ବାସ୍ କର୍‌ବାର୍‌କେ ଚାଷୀମାନ୍‌କୁ ତହଁକାବାର୍ ସହେତେ ସେମାନ୍‌କର୍ ଉତ୍ପାଦିତ୍ ଦରବ୍‌କେ ଦେଶ୍‌ବାହାରେ ରପ୍ତାନୀ କର୍‌ବାର୍‌କେ ଭିଲ୍ ସୁଯୋଗ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଉଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ଧନୁଯାତ୍ରା କଲାକାର୍-ସମ୍ମାନ୍ ରାଶି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରାର୍ କଲାକାର୍‌ମାନ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ସମ୍ମାନ୍ ରାଶି ଦିଆଯାଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗଲାକାଏଲ୍ କଲାକାର୍‌ମାନ୍‌କୁ ୧୦ ହଜାର୍ ଟଙ୍କା ଲେଖା ଦିଆଯାଇଛେ । ଧନୁଯାତ୍ରାଥି ଭାଗ୍ ନେଇଥିବା ଶହେ ୬୦ ଝନ୍ କଲାକାର୍‌ଙ୍କୁ ଇ ସମ୍ମାନ୍ ଟଙ୍କା ଦିଆଯାଇଥିବାର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜନାପଡ଼ିଛେ ।

ଆନ୍ତଃଜିଲ୍ଲା ପେନ୍‌ସନ୍ ଅଦାଲତ୍ ହି.ସ.

ଓଡ଼ିଶା ପ୍ରଧାନ୍ ମହାଲେଖାଗାର କାର୍ଯ୍ୟାଳୟ ଆଉ ଓଡ଼ିଶା ସର୍‌କାର୍‌ଙ୍କର୍ ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ଆଏବା ୧୧ ତାରିଖ୍ ଶୁକ୍ରବାର୍ ଦିନ ସଖାଲର୍ ୮ ବଜେ ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ଠାନେ ଆନ୍ତଃଜିଲ୍ଲା ପେନ୍‌ସନ୍ ଅଦାଲତ୍ ହେବା । ସମ୍ବଲ୍‌ପୁର୍ ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, ବର୍‌ଗଡ୍ ଜିଲ୍ଲାର୍ ଅବସରପ୍ରାପ୍ତ ସର୍‌କାରୀ କର୍ମଚାରୀ ମାନ୍‌କର୍ ଅବସର ସମିଆର୍

ବକେୟା ପ୍ରାପ୍ୟ ବାବ୍‌ଦେ ରହିଥିବା ଅଭିଯୋଗ୍ ମାନ୍‌କର୍ ଅଦାଲତ୍‌ଥି ଶୁଣାଣି କରାଯିବା ।

ମଡ଼ିଆ ଚାଷ୍-କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ନାକଟିଦେଉଲ୍ ବ୍ଲକ୍ ନ ଶ୍ରୀଅନ୍ନ ଅଭିଯାନ୍ ଯୋଜ୍‌ନାଥି ପଂଚାୟତ୍ ପ୍ରତିନିଧି ମାନ୍‌କୁ ନେଇକରି ମଡ଼ିଆ ଚାଷ୍ ବାବ୍‌ଦର୍ ଗୁଟେ କର୍ମଶାଳା ହେଇଯାଇଛେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ କରାଯାଇଥିବା କର୍ମଶାଳାଥି ମଡ଼ିଆ ଚାଷ୍, ଉତ୍ପାଦନ୍ ଆର୍ ବିକ୍ରିବଟା ସହେତେ ଇ ଚାଷ୍‌ନୁ ଚାଷୀମାନେ କେନ୍ତାକରି ଅଏତ୍‌କା ଲାଭ୍ ପାଇପାର୍‌ବେ ସେ ଉପ୍‌ରେ ଆଲୋଚନା ହେଇଥିଲା ।

ସର୍‌କାରୀ କର୍ମଚାରୀ ପେନ୍‌ସନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଆଉ ରାଜ୍ୟ ସର୍‌କାରୀ କର୍ମଚାରୀଙ୍କର୍ ପେନ୍‌ସନ୍ ଦେବାର୍‌ଥି ଡେରି ହେଲେ ଇଥିର୍‌ଲାଗି ଦାୟୀ ରହୁଥିବା ବେଙ୍କ୍ ୮ ପ୍ରତିଶତ୍ ହାରଥି ସୁଧ୍ ଦେବେ ବଲି ରିଜର୍ଭ ବେଙ୍କ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ପେନ୍‌ସନ୍ ଭୋଗୀଙ୍କର୍

ବକେୟା ଦେବାର୍ଥି ଡେରି ହେଲେ ଭିଲ୍ ଠିକ୍ ପରିମାଣ୍ର ସୁଧ୍ ଦେବାର୍ ଲାଗି ଗୁଟେ ନିର୍ଦ୍ଦେଶ୍ନାମାଥି ଆର୍ବିଆଇ କହିଛେ ।

କଲାହାଣ୍ଡି କପ-ଫାଇନାଲ୍ ଆର୍ଏନ୍ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା କଲାହାଣ୍ଡି କପ୍ କ୍ରିକେଟ୍ର ଆଏଜ୍ ଫାଇନାଲ୍ ମେଚ୍ ଖେଲାଯିବା । କଟକ୍-ଏ ଆଉ ସୁନ୍ଦର୍ଗଡ଼୍ ଦଲ୍ ଭିତ୍ରେ ଆଝିରର୍ ଫାଇନାଲ୍ ମେଚ୍ ଖେଲାଯିବା ବଲି ଓସିଏ ତର୍ଫୁ କୁହାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ବଙ୍ଗୋପ୍ସାଗର୍ ନ ସୃଷ୍ଟ ଲଘୁଚାପ୍ ଲାଗି ରାଜ୍ୟର୍ ବଡ଼୍ଭାଗି ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ । ସେଥିର୍ଲାଗି ରାଏଜେ ଆଏବା ୩ ଦିନ୍ ଭିତ୍ରେ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିପାରେ ।